# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**07th June - 2026**

****************************************

***IPR***

## ଶିଳ୍ପ ପ୍ରକଳ୍ପ

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୪୭ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋଜ୍ କ୍ଲିୟରାନ୍ସ ଅଥରିଟି ବୈଠକରେ ୨୪ଟି ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ମିଳିଛି । ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ରାଜ୍ୟରେ ୩ ହଜାର ୭୯୩ କୋଟିରୁ ଅଧିକ ଟଙ୍କାର ପୁଞ୍ଜିନିବେଶ ହେବା ସହ ପ୍ରାୟ ୨୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ବୈଠକରୁ ଜଣାପଡ଼ିଛି । ଇସ୍ପାତ ଓ ଧାତୁଭିତ୍ତିକ ଶିଳ୍ପ, ନବୀକରଣ ଯୋଗ୍ୟ ଶିଳ୍ପ, ବ୍ୟାଟେରୀ ଗାଡ଼ି ଉପକରଣ, ବସ୍ତ୍ର ଓ ପୋଷାକ ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଆଦି ଶିଳ୍ପ ପ୍ରତିଷ୍ଠା କରାଯାଇ ରାଜ୍ୟରେ ନିଯୁକ୍ତିଭିତ୍ତିକ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରାଯିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ।

***Desk***

## ଆୟୁଷ୍ମାନ କାର୍ଡ଼

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅଧୀନରେ ଅନୁବନ୍ଧିତ ଡାକ୍ତରଖାନାରେ

ଭର୍ତ୍ତି ହେବାର ୩ ଦିନ ପୂର୍ବରୁ ସମସ୍ତ ପ୍ରକାର ପରୀକ୍ଷା ଆୟୁଷ୍ମାନ କାର୍ଡ଼ ମାଧ୍ୟମରେ କରାଯିବ ବୋଲି ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କୁହାଯାଇଛି । ଡାକ୍ତରଖାନା ଛାଡ଼ିବାର ୧୫ ଦିନ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ପରାମର୍ଶ, ଔଷଧ ଓ ପରୀକ୍ଷାପାଇଁ ହିତାଧିକାରୀମାନଙ୍କୁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ ବୋଲି ରାଜ୍ୟ ସ୍ୱାସ୍ଥ୍ୟବୀମା ସମିତିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡାକ୍ତର ବୃନ୍ଦା ଡି. ସମସ୍ତ ଅନୁବନ୍ଧିତ ଡାକ୍ତରଖାନାକୁ ଏସର୍ମ୍ପକରେ ପତ୍ର ଲେଖି ଅବଗତ କରାଇଛନ୍ତି । ଅସ୍ତ୍ରୋପଚାର ହୋଇଥିବା ରୋଗୀମାନଙ୍କୁ ବିନାମୂଲ୍ୟରେ ପରବର୍ତ୍ତୀ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ବୋଲି ପତ୍ରରେ ଉଲ୍ଲେଖ ରହିଛି ।

***Desk***

# ମୁଖ୍ୟମନ୍ତ୍ରୀ-କବାଡ଼ି ପ୍ରତିଯୋଗିତା

କବାଡ଼ି ଖେଳ ଗ୍ରାମାଞ୍ଚଳରୁ ସୃଷ୍ଟି ହୋଇ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠଲାଭ କରିଥିବା’ ଆମ ସଂସ୍କୃତିର ପ୍ରତୀକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ସମ୍ବଲପୁରଠାରେ ଆୟୋଜିତ ସମ୍ବଲପୁର କପ୍ ସର୍ବଭାରତୀୟ କବାଡ଼ି ପ୍ରତିଯୋଗିତାରେ ମୁଖ୍ୟମନ୍ତ୍ରୀ ଗତକାଲି ଶ୍ରୀ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି, ଖେଳରେ ଜୟ ପରାଜୟ ମୁଦ୍ରାର ଦୁଇଟି ପାର୍ଶ୍ୱ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଯୁବଖେଳାଳୀମାନଙ୍କପାଇଁ ୧୦୦ ଶଯ୍ୟା ବିଶିଷ୍ଟ କ୍ରୀଡ଼ା ଛାତ୍ରାବାସ ଏବଂ ଏକ ବହୁମୁଖୀ ଷ୍ଟାଡିୟମ୍ ସହିତ ଜିଲ୍ଲାର ସମସ୍ତ ୯ଟି ବ୍ଲକ୍‌ରେ ବ୍ଲକ୍‌ସ୍ତରୀୟ

ଷ୍ଟାଡିୟମ୍ ନିର୍ମାଣପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***Desk***

# ଏସ୍.ଆଇ.ଆର୍.

ରାଜ୍ୟରେ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ବିଗତ ୮ ଦିନ ମଧ୍ୟରେ ଗତକାଲି ଅଷ୍ଟମ ଦିନ ସୁଦ୍ଧା ୧ କୋଟି ୯୮ ଲକ୍ଷ ୯୭ ହଜାର ୩୩୧ ଜଣ ଭୋଟର୍‌ଙ୍କୁ ପରିଗଣନା ଫର୍ମ ବଣ୍ଟାଯାଇଛି । ଚଳିତ ମାସ ୨୮ ତାରିଖରେ ଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କାର୍ଯ୍ୟ ଶେଷ ହେବ । ଭୋଟର୍‌ମାନଙ୍କ ସୁବିଧା ନିମନ୍ତେ ନିର୍ବାଚନ କମିଶନଙ୍କଦ୍ୱାରା ନିଃଶୁଳ୍କ ହେଲ୍‌ପଲାଇନ୍ ନମ୍ବର ୧୯୫୦କୁ କଲ୍ କରି ସବିଶେଷ ବିବରଣୀ ପାଇପାରିବେ ବୋଲି କମିଶନ୍‌ଙ୍କ ପକ୍ଷରୁ କୁହାଯାଇଛି ।

***Desk***

# ମହାନଦୀ ଜଳବିବାଦ

ମହାନଦୀ ଜଳବିବାଦକୁ ନେଇ ଓଡ଼ିଶା–ଛତିଶଗଡ଼ ମଧ୍ୟରେ ଚଳିତ ମାସ ୧୬ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଦୁଇ ରାଜ୍ୟର ବୈଷୟିକ ଦଳଙ୍କ ମଧ୍ୟରେ ଆଲୋଚନା ହେବ । ମିଳିଥିବା ସୂଚନା ଅନୁସାରେ ଉଭୟ ରାଜ୍ୟ ମଧ୍ୟରେ ଜଳ ଆବଣ୍ଟନକୁ ନେଇ ଆପୋଷ ଆଲୋଚନା ମାଧ୍ୟମରେ

ସମାଧାନପାଇଁ ବିଚାର କରିବା ନେଇ ଟ୍ରିବ୍ୟୁନାଲ୍‌ର ଅଧ୍ୟକ୍ଷା ଜଷ୍ଟିସ୍ ବେଲା ଏନ୍. ତ୍ରିବେଦୀ ଗତ ଶୁଣାଣିବେଳେ ଦୁଇପକ୍ଷଙ୍କୁ ପରାମର୍ଶ ଦେଇଥିଲେ । ଚଳତ ମାସ ୨୭ ତାରିଖରେ ମହାନଦୀ ଜଳ ବିବାଦର ଶୁଣାଣି ହେବ ବୋଲି ଜଣାପଡ଼ିଛି ।

***Desk***

# ଏଲ୍.ପି.ଜି. ଦର ବୃଦ୍ଧି

କେନ୍ଦ୍ର ସରକାର' ଘରୋଇ ଏଲ୍.ପି.ଜି. ସିଲିଣ୍ଡର ଦର ୨୯ ଟଙ୍କା ବୃଦ୍ଧି କରିଛନ୍ତି । ଏହି ବର୍ଦ୍ଧିତ ଦର ଆଜିଠାରୁ ଦେଶରେ ଲାଗୁ ହେବ । ଗତ ମାର୍ଚ୍ଚ ମାସରେ ଏଲ୍.ପି.ଜି. ସିଲିଣ୍ଡର ଦର ୬୦ ଟଙ୍କା ବୃଦ୍ଧି ପାଇଥିଲା ।

***Nabarangpur/R***

# ଆଦର୍ଶ ବିଦ୍ୟାଳୟ

ଗ୍ରାମାଞ୍ଚଳର ଶିଶୁମାନଙ୍କୁ ଗୁଣାତ୍ମକ ତଥା ଉଚ୍ଚମାନର ଶିକ୍ଷା ସୁବିଧା ଯୋଗାଇବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ପ୍ରକଳ୍ପ ଅଧୀନରେ ନବରଙ୍ଗପୁର ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟରେ ୧୩ଟି ନୂତନ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ । ଜିଲ୍ଲା ପ୍ରଶାସନର ସୂଚନା ଅନୁସାରେ ରାଇଘର ବ୍ଲକ୍‌ରେ ୫ଟି, ଝରିଗାଁ

ବ୍ଲକ୍‌ରେ ୬ଟି ଓ କୋଷାଗୁମୁଡ଼ା ଓ ପାପଡାହାଣ୍ଡି ବ୍ଲକ୍‌ରେ ଗୋଟିଏ ଲେଖାଏଁ ବିଦ୍ୟାଳୟ ରହିଛି ।

***Bhadrak/R***

# ଇ.ଏନ୍.ଭି. ଆପ୍

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ପରିବେଶ ଓ ବର୍ଜ୍ୟଜଳ ପ୍ରଦୂଷଣ ସମ୍ପର୍କିତ ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ଭଦ୍ରକ ଇ.ଏନ୍.ଭି. ନାମକ ଏକ ସାର୍ବଜନୀନ ଅନ୍‌ଲାଇନ୍ ଅଭିଯୋଗ ଆପ୍‌ର ଶୁଭାରମ୍ଭ କରାଯାଇଛି । ଏହି ଆପ୍ ମାଧ୍ୟମରେ ଜନସାଧାରଣ ପରିବେଶ ପ୍ରଦୂଷଣ, ବର୍ଜ୍ୟଜଳ ନିଷ୍କାସନ ଓ ଶିଳ୍ପଜନିତ ପ୍ରଦୂଷଣ ସମ୍ବନ୍ଧୀୟ ଅଭିଯୋଗ ସିଧାସଳଖ ଭାବେ ଜିଲ୍ଲା ପ୍ରଶାସନ ନିକଟରେ ଦାଖଲ କରିପାରିବେ ।

***Desk***

# ଜରାୟୁ କର୍କଟ - ଟିକାକରଣ

ଜରାୟୁ କର୍କଟ ରୋଗର ପ୍ରତିଷେଧକପାଇଁ ରାଜ୍ୟବ୍ୟାପୀ ଚାଲିଥିବା ଟିକାକରଣ ଅଭିଯାନକୁ ଆଉ ୩ ମାସ ବୃଦ୍ଧି କରାଯାଇଛି । ୧୪ରୁ ୧୫ ବର୍ଷ ବୟସର କିଶୋରୀମାନଙ୍କପାଇଁ ଏହି ଟିକାକରଣ ଅଭିଯାନ ଚଳିତ ମାର୍ଚ୍ଚମାସ ପହିଲାରୁ ଆରମ୍ଭ ହୋଇଥିଲା ।

*Desk*

# ପାଣିପାଗ

ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁସାରେ ଆସନ୍ତା ସପ୍ତାହ ଶେଷ ଆଡ଼କୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁବାର ସମ୍ଭାବନା ରହିଛି । ବର୍ତ୍ତମାନ ପାଣିପାଗ ସ୍ଥିତିରେ ଆସନ୍ତା ସପ୍ତାହ ସୁଦ୍ଧା ଗରମ ଓ ଗୁଳୁଗୁଳି ଜାରି ରହିବ ଏବଂ କେତେକ ସ୍ଥାନରେ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ । ଅନ୍ୟପକ୍ଷରେ କାଳବୈଶାଖୀର ସମ୍ଭାବନା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି । ବାୟୁମଣ୍ଡଳରେ ଆର୍ଦ୍ରତାର ପରିମାଣ କେତେକ ସ୍ଥାନରେ ଅଧିକ ରହୁଥିବାରୁ ଅସହ୍ୟ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ଉପକୂଳ ଓ ପାର୍ଶ୍ୱବର୍ତ୍ତୀ ଜିଲ୍ଲାଗୁଡ଼ିକୁ ସତର୍କ ସୂଚନା ଜାରି କରାଯାଇଛି ।

*****